ସମ୍ବାଦ

## ଏଫ୍‌ଏମ୍‌ୟୁରେ ମନ୍ମଥନାଥ ଦାସଙ୍କ ଜନ୍ମ ଶତବାର୍ଷିକୀ ପାଳନ

# 'ସାହିତ୍ୟ ବିନା ଇତିହାସ ଲେଖାଯାଇ ପାରିବନି'



ରେମୁଣା, ୧୫/୫ (ଉମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ (ଏଫ୍‌ଏମ୍‌ୟୁ) ଏବଂ କେନ୍ଦ୍ର ସାହିତ୍ୟ ଏକାଡେମି ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସାହିତ୍ୟିକ, ଐତିହାସିକ ତଥା ଶିକ୍ଷାବିତ୍ ମନ୍ମଥନାଥ ଦାସଙ୍କ ଜନ୍ମ ଶତବାର୍ଷିକୀ ଏଫ୍‌ଏମ୍‌ୟୁ ପରିସରରେ ଆୟୋଜିତ ହୋଇଯାଇଛି।

ପ୍ରଥମ ଅଧିବେଶନରେ ଉଦ୍‌ଘାଟକ ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟ କହିଲେ, ମନ୍ମଥବାବୁ ହେଉଛନ୍ତି ଜଣେ ଯୋଗଜନ୍ମା। ଶିକ୍ଷା ଜଗତର ଭିନ୍ନ ଏକ ସୂର୍ଯ୍ୟ। ଯିଏ ଅନେକ ଛାତ୍ରଛାତ୍ରୀଙ୍କ ଜୀବନକୁ ଆଲୋକିତ କରିଛନ୍ତି।

ସେହିପରି ସମ୍ମାନିତ ଅତିଥି ଭାବେ ମନ୍ମଥନାଥ ଦାସଙ୍କ ଝିଅ ରକ୍ଷିତା ଦାସ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ସାହିତ୍ୟ ଏକାଡେମିର ପ୍ରୟାସକୁ ପ୍ରଶଂସା କରିଥିଲେ। ସେ କହିଥିଲେ, ଏହି କାର୍ଯ୍ୟକ୍ରମ ମନ୍ମଥବାବୁଙ୍କ ପ୍ରତି ଏକ ଅନନ୍ୟ ସମ୍ମାନ।

ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଐତିହାସିକ ଖାରବେଳ ମହାନ୍ତି ଯୋଗ ଦେଇ ମନ୍ମଥବାବୁଙ୍କ ସଂପର୍କିତ ଅନେକ ପ୍ରଭାବଶାଳୀ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ସେ କହିଥିଲେ, ମନ୍ମଥବାବୁ କେବଳ ଜଣେ ଶିକ୍ଷକ ଓ ସାହିତ୍ୟିକ ନଥିଲେ; ଜଣେ ମାନବବାଦୀ ଐତିହାସିକ ଭାବେ ତାଙ୍କର ଦସ୍ତାବିଜ କେହି ଏଡ଼ିପାରିବେନି। ସାହିତ୍ୟ ବିନା ଯେ ଇତିହାସ ଲେଖାଯାଇ ପାରିବନି, ସେ କଥା ମନ୍ମଥବାବୁ ପ୍ରମାଣିତ କରିଛନ୍ତି।

ସଭାମୁଖ୍ୟ ଭାବେ ସାହିତ୍ୟ ଏକାଡେମିର ଓଡ଼ିଆ ଉପଦେଷ୍ଟା ପରିଷଦର ଆବାହକ ଡ. ଗୌରହରି ଦାସ ଦାୟିତ୍ୱ ନିର୍ବାହ କରିଥିଲେ। ସେ କହିଥିଲେ, ମନ୍ମଥବାବୁଙ୍କ ରଚିତ ପୁସ୍ତକଗୁଡ଼ିକ ଗୋଟିଏ ଗୋଟିଏ ମୂଲ୍ୟବାନ ଦସ୍ତାବିଜ୍। ଜଣେ ଐତିହାସିକ ଭାବେ ତାଙ୍କର ଅବଦାନ ଅତୁଳନୀୟ। ମନ୍ମଥବାବୁଙ୍କ ସାହିତ୍ୟ ବେଶ୍ ପ୍ରଭାବୀ। ତାଙ୍କର ଜୀବନ ଓ ଦର୍ଶନ ଅନ୍ୟମାନଙ୍କ ପାଇଁ ଉଦାହରଣୀୟ।

ସାହିତ୍ୟ ଏକାଡେମି, କୋଲକାତାର ଭାରପ୍ରାପ୍ତ ଅଧିକାରୀ ସେତୁବାସୀ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ସଭା ସଞ୍ଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ମନ୍ମଥନାଥ ଦାସଙ୍କ ସଂପର୍କିତ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଦାଶ ବେନହୁର ସଭାମୁଖ୍ୟ ଦାୟିତ୍ୱ ତୁଲାଇଥିଲେ। ଅଭିରାମ ବିଶ୍ୱାଳ, ରୁଦ୍ରାଣୀ ମହାନ୍ତି, ସହଦେବ ସାହୁ, ଅଶୋକ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପ୍ରହ୍ଲାଦ ସିଂହ ପ୍ରମୁଖ ଯୋଗଦେଇ ମନ୍ମଥନାଥଙ୍କ ସଂପର୍କରେ ଅନେକ ଅନାଲୋଚିତ କଥା ଉପସ୍ଥାପନ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଜୟନ୍ତ କୁମାର ଦାସ ଓ ଡକ୍ଟର ପ୍ରହ୍ଲାଦ ଶିଲଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

କାର୍ଯ୍ୟକ୍ରମ ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ ପୁସ୍ତକ ପ୍ରଦର୍ଶନୀ ସହ ବିକ୍ରୟ ବ୍ୟବସ୍ଥା ହୋଇଥିଲା। ଅନେକ ଛାତ୍ରଛାତ୍ରୀ, ଅଧ୍ୟାପକଅଧ୍ୟାପିକା ଓ ବୁଦ୍ଧିଜୀବୀ ପୁସ୍ତକ କିଣିବା ଦେଖିବାକୁ ମିଳିଥିଲା।